**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ବି.ଜେ.ପି ର ଜାତୀୟ ଉପ ସଭାପତି ଶ୍ରୀ ମୁକ୍ତାର ଆବାସ ନକବୀଙ୍କ ପ୍ରେସ ଇସ୍ତାହାର ।**

**ନୂଆ ଦିଲ୍ଲୀ, ୨୭ ଫେବୃଆରୀ :** ବି.ଜେ.ପି ର ଜାତୀୟ ପରିଷଦ ବୈଠକ ଓ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ମାର୍ଚ୍ଚ ମାସ ୧ ତାରିଖରେ ନୂଆ ଦିଲ୍ଲୀ ଠାରେ ହେବାକୁ ଯାଉଅଛି ।

ବି.ଜେ.ପି ର ଜାତୀୟ ଉପ ସଭାପତି ଶ୍ରୀ ମୁକ୍ତାର ଆବାସ ନକବୀ କହିଛନ୍ତି କି, ଜାତୀୟ କାର୍ଯ୍ୟକାରିଣୀ ବୈଠକ ମାର୍ଚ୍ଚ ମାସ ୧ ତାରିଖରେ ହେବ ଓ ପରିଷଦ ବୈଠକ ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହେବ ।

ଉକ୍ତ ବୈଠକ ଦଳର ଜାତୀୟ ସଭାପତି ଶ୍ରୀ ରାଜନାଥ ସିଂହଙ୍କ ସମ୍ବୋଧନରୁ ପ୍ରାରମ୍ଭ ହେବ ଓ ସେଠାରେ ଦେଶର ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ନକବୀ କହିଛନ୍ତି ।

ଜାତୀୟ କାର୍ଯ୍ୟକାରିଣୀ ବୈଠକ ୪ଟି ପର୍ଯ୍ୟାୟରେ ଓ ଜାତୀୟ ପରିଷଦ ବୈଠକ ୯ଟି ପର୍ଯ୍ୟାୟରେ କରାଯିବ । ଉକ୍ତ ୩ ଦିନର ବୈଠକରେ ଆସନ୍ତା ନିର୍ବାଚନର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ନିର୍ବାଚନରେ ଭା.ଜ.ପାର ଆଦର୍ଶ ବା ନୀତି ବାକ୍ୟ ହେବ - ସୁଶାସନ ସଂକଳ୍ପ, ବି.ଜେ.ପି ବିକଳ୍ପ ବୋଲି ଶ୍ରୀ ନକବୀ କହିଛନ୍ତି ।

ଉକ୍ତ ପରିଷଦ ବୈଠକରେ ଦେଶର ଅର୍ଥନୈତିକ, ରାଜନୈତିକ, ସାମାଜିକ ପରିସ୍ଥିତି, ଦେଶ ସାମ୍ନାରେ ରହିଥିବା ଆହ୍ୱାନ, ଭ୍ରଷ୍ଟାଚାର, ଦୁର୍ନୀତି, ମୁଦ୍ରାସ୍ଫୀତୀ, ଆଭ୍ୟନ୍ତରୀଣ ସୁରକ୍ଷା, ଜାତୀୟ ସୁରକ୍ଷା ଓ ଅନ୍ତ୍ୟୋଦୟ ଓ ସୁଶାସନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ ବୋଲି ଶ୍ରୀ ନକବୀ କହିଛନ୍ତି ।

ଉକ୍ତ ବୈଠକରେ ଆସନ୍ତା ନିର୍ବାଚନ ପାଇଁ ଏକ ନୀତି ନିୟମର ଧାରା ପ୍ରସ୍ତୁତ କରାଯିବ । ଦଳର କାର୍ଯ୍ୟକର୍ତ୍ତା ମାନଙ୍କୁ ସୂଚନା ଦିଆଯିବ କି, ସେମାନେ ଜନତାଙ୍କ ନିକଟକୁ ଯାଇ ସେମାନଙ୍କ ପାଖରେ ସୁଶାସନ ସଂକଳ୍ପ ଓ ବି.ଜେ.ପି ବିକଳ୍ପର ବାର୍ତ୍ତା ପହଞ୍ଚାନ୍ତୁ ବୋଲି ଶ୍ରୀ ନକବୀ କହିଛନ୍ତି ।

ଜାତୀୟ ପରିଷଦ ଓ ଜାତୀୟ କାର୍ଯ୍ୟକାରିଣୀର ପ୍ରତ୍ୟେକ ସଦସ୍ୟ, ଲୋକସଭା ଓ ରାଜ୍ୟସଭାର ସାଂସଦ, ବିଧାନ ସଭାର ସଭ୍ୟ, ରାଜ୍ୟ କାର୍ଯ୍ୟାଳୟର କାର୍ଯ୍ୟକର୍ତ୍ତା, ଜାତୀୟ ମୋର୍ଚ୍ଚା ମାନଙ୍କର ସଂଯୋଜକ ଓ ସହସଂଯୋଜକ, ପ୍ରତ୍ୟେକ ଜିଲ୍ଲା ସଭାପତି, ସାଧାରଣ ସମ୍ପାଦକ, ବି.ଜେ.ପି ମେୟର, ଜିଲ୍ଲା ପଞ୍ଚାୟତର ସଭାପତି, ସଂଘର ସମ୍ପାଦକ ଆଦି ଜାତୀୟ ପରିଷଦ ବୈଠକରେ ଅଂଶ ଗ୍ରହଣ କରିବେ । ଜାତୀୟ କାର୍ଯ୍ୟକାରିଣୀ ବୈଠକ ନୂଆ ଦିଲ୍ଲୀର ଏନ.ଡ଼ି.ଏନ.ସି କନଭେନସନ ସେଣ୍ଟରଠାରେ ଓ ପରିଷଦ ବୈଠକ ଦିଲ୍ଲୀର ତଲକୋଟରା ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେବ ବୋଲି ମଧ୍ୟ ଶ୍ରୀ ନକବୀ କହିଛନ୍ତି ।

**ଓ.ପି.କୋହଲି**

**ମୁଖ୍ୟାଳୟ ପ୍ରମୁଖ**